# ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର ୧୯/୦୩: ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆଷ୍ଟଡିଜ୍, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ବିରବାଶା ନଗର, ହାତୀଆଶୁଣୀ ବସ୍ତି, ଭୁବନେଶ୍ୱରଠାରେ ଏକ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଠାରେ ମୁଖ୍ୟବ୍ୟକ୍ତା ଭାବରେ ଯୋଗଦେଇ ହରପ୍ରସାଦ ମହାପାତ୍ର, ପ୍ରୋଜେକ୍ଟ କୋଅଡିନେଟର, ଟିବି ରିସର୍ଚ୍ଚ, କ୍ୟାପିଟାଲ ହସ୍ପିଟାଲ ଏବଂ ଶିବଶଙ୍କର, ସ୍ୱେଚ୍ଛାସେବୀ, ଟିବି ରୋଗର ଲକ୍ଷଣ ଓ ନିରାକରଣ ସମ୍ବନ୍ଧରେ ବସ୍ତିବାସୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ଏନ୍.ଏସ୍.ଏସ୍.ର ସ୍ୱେଚ୍ଛାସେବୀମାନେ ଟିବିର ଲକ୍ଷଣ ଓ ନିରାକରଣ ଆଧାରିତ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ । ଆଇ.ଏମ୍.ଏସ୍.ର ଅଧ୍ୟାପକ ତଥା ଖୋର୍ଦ୍ଧା ଜିଲ୍ଲାର ଏନ.ଏସ୍.ଏସ୍. ସଂଯୋଜକ, ରଘୁନାଥ ମଣ୍ଡଳ ଟିବିରୋଗର ଲକ୍ଷଣ ଜାଣି କାଳ ବିଳମ୍ବନକରି ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଏବଂ ସରକାରଙ୍କର ସମସ୍ତ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ପରେ ବସ୍ତିର ଛାତ୍ରଛାତ୍ରୀ ତଥା ମହିଳା ମାନଙ୍କ ମଧ୍ୟରେ ଟିବି ସଚେତନତା ସମ୍ବନ୍ଧୀୟ ପ୍ରତିଯୋଗୀତାମାନ କରାଯାଇଥିଲା ଏବଂ କୃତୀ ପ୍ରତିଯୋଗୀମାନଙ୍କୁ ଆଇ.ଏମ୍.ଏସ୍.ର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ ପୁରସ୍କାର ବିତରଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଦୁର୍ଗା ଚରଣ ହାଁସଦା, ବସ୍ତି ସଂପାଦକ, କୁମିନା ଦାସ, ଅଙ୍ଗନୱାଡି କର୍ମୀ ଏବଂ ବାସ୍ତିବାସିନ୍ଦା ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଆଇ.ଏମ୍.ଏସ୍.ର ଅଧ୍ୟାପିକା ତଥା ଏନ.ଏସ୍.ଏସ୍. ପ୍ରୋଗ୍ରାମ ଅଫିସର, ଡଃ. ଗାୟତ୍ରୀ ପଟ୍ଟନାୟକ ପରିଚାଳନା କରିଥିଲେ ଏବଂ ଶେଷରେ ସ୍ୱେଚ୍ଛାସେବୀ ଲକ୍ଷ୍ମୀ ପାଳ ଧନ୍ୟବାଦ ଅର୍ପଣ କରିଥିଲେ ।